**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**23 December - 2024**

**News Editor : *Itishree Singh Rathaur***

# ପି.ଏମ୍. - ନିଯୁକ୍ତିପତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୭୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ଆଭାସୀ ମାଧ୍ୟମରେ ନିଯୁକ୍ତି ପତ୍ର ବଣ୍ଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନବନିଯୁକ୍ତଙ୍କୁ ସମ୍ବୋଧନ କରିବେ ବୋଲି ଜଣାପଡିଛି । ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳା ଅନୁଷ୍ଠିତ ହେବ । ନବନିଯୁକ୍ତମାନେ କେନ୍ଦ୍ର ଗୃହ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭାଗରେ ନିଯୁକ୍ତି ପାଇବେ ।

# ପ୍ରାକ୍ ବଜେଟ୍

ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କେନ୍ଦ୍ର ସରକାରଙ୍କ ନିକଟରେ ୯ଟି ଦାବି ଉପସ୍ଥାପନ କରିଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ୧୦ହଜାର କୋଟି ଟଙ୍କା ସ୍ୱତନ୍ତ୍ର ପ୍ୟାକେଜ ପାଇଁ ପ୍ରସ୍ତାବ ଦିଆଯାଇଛି । ସେହିଭଳି ଆଗାମୀ ଗ୍ରୀଷ୍ମରତୁ ପୂର୍ବର ଜଳଜୀବନ ମିଶନରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଲାଗି ବଜେଟ୍‌ରେ ବ୍ୟବସ୍ଥା, ଗୋପାଳପୁର ସଲ୍ଟ ପ୍ୟାନ ଅଞ୍ଚଳ ଏବଂ

ଝାରସୁଗୁଡାଠାରେ ନୂତନ ଇଣ୍ଡଷ୍ଟ୍ରିଆଲ ଟାଉନସିପ ସ୍ଥାପନ, ଆକାଂକ୍ଷା ବ୍ଲକ ଯୋଜନା ଅନ୍ତର୍ଗତ ୨୯ଟି ବ୍ଲକ ବ୍ୟତୀତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୧୧ଟି ବ୍ଲକକୁ ଏହି ଯୋଜନାରେ ସାମିଲ କରିବା ପ୍ରସ୍ତାବ ଅର୍ଥମନ୍ତ୍ରୀଙ୍କୁ ଦିଆଯାଇଛି । ଏଥି ସହ ରାଜ୍ୟରେ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତିକରଣ ପାଇଁ ବଜେଟ୍‌ରେ ଉପଯୁକ୍ତ ସହାୟତା ପାଇଁ ପ୍ରସ୍ତାବ ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।ସୂଚନା ଅନୁସାରେ ରାଜସ୍ଥାନର ଜୟସ୍ୱାଲମେରଠାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଏହିସବୁ ପ୍ରସ୍ତାବ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ପରବର୍ତ୍ତୀ ଜନ ଅଭିଯୋଗ ଶୁଣାଣି ନେଇ ତାରିଖ ସ୍ଥିର ହେଲେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ସୁଭଦ୍ରା-ଗୋନାଷିକା ମହୋତ୍ସବ

ଶେଷ ହିତାଧିକାରୀ ପାଖରେ ପହଞ୍ଚିବାଯାଏ ସୁଭଦ୍ରା ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । କେନ୍ଦୁଝର ଜିଲ୍ଲାରେ ଗୋନାସିକା ମହୋତ୍ସବ-୨୦୨୪ ଉଦ୍‌ଯାପନୀ ଉତ୍ସବରେ

ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ୨୦୨୭ ମସିହା ସୁଦ୍ଧା ୩୦ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଆଠଗଡ ମହୋତ୍ସବ-ଧର୍ମେନ୍ଦ୍ର ପ୍ରଧାନ

ଆଠଗଡ ଓଡିଆ ସଭ୍ୟତା ଏବଂ ଜନଜୀବନର ପ୍ରୟୋଗଶାଳା । ଏହିଠାରୁ ଅନେକ ନୂତନ ବିଚାର ଓ ଚିନ୍ତାଧାରା ଜନ୍ମ ନେଇଛି ବୋଲି ଆଠଗଡ ମହୋତ୍ସବ-୨୦୨୪ରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି,ଆଠଗଡ ମାଟି, କଳା, ସଂସ୍କୃତି, ସାହିତ୍ୟ ଓ ସାଧନାର ଭୂମି । ଆଠଗଡ କେବଳ ଏକ ଭୌଗୋଳିକ ସ୍ଥାନ ଭିତରେ ସୀମାବଦ୍ଧ ନୁହଁ ବରଂ ଏହା ଓଡିଶା ଜନଜୀବନ ସଭ୍ୟତା ଓ ସଂସ୍କୃତିର ଅନନ୍ୟ ପ୍ରୟୋଗଶାଳା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# କୃଷି ରକ୍ଷକ ପୋଟାଲ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନେ ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ କ୍ଷୟକ୍ଷତି ସମ୍ପର୍କରେ କୃଷି ରକ୍ଷକ ପୋଟାଲରେ ସୂଚନା ଦେବାକୁ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଅନୁରୋଧ କରାଯାଇଛି । ଚାଷୀମାନେ ହେଲପଲାଇନ ନମ୍ବର ୧୪୪୪୭ରେ ମଧ୍ଯ ସୂଚନା

ଦେଇପାରିବେ । ରାଜ୍ୟରେ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଫସଲ ବୀମା ଯୋଜନାରେ ପଞ୍ଜୀକରଣ କରିଥିବା ଜଣାପଡିଛି ।

## ଚାଷୀଙ୍କ କଲ୍ୟାଣ

ଚାଷୀଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ଧାନ ସଂଗହ ଏବଂ ଅନ୍ୟାନ୍ୟ ଅଭିଯୋଗର ସମାଧାନ ନିମନ୍ତେ ଚାଷୀଙ୍କ ଲାଗି ହେଲପଲାଇନ ନମ୍ବର ୧୯୬୭ଜାରି କରାଯାଇଛି । ଏହି ନମ୍ବର ଜରିଆରେ ଚାଷୀମାନେ ପଞ୍ଜୀକରଣ, ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରାପ୍ତି, ଅଗ୍ରିମ ଟୋକନ ଆଦି ସମ୍ପର୍କରେ ଅଭିଯୋଗ ତଥା ମତାମତ ଦାଖଲ କରିପାରିବେ ।

## ଧାନସଂଗ୍ରହ

ଗଞ୍ଜାମ ଜିଲ୍ଲାରେ ଆସନ୍ତା ୩ତାରିଖରୁ ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ । ପୂର୍ବରୁ ଜିଲ୍ଲାରେ ଆଜିଠାରୁ ମଣ୍ଡିରେ ଧାନସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା । ତେବେ ଲଘୁଚାପଜନିତ ବର୍ଷାକୁ ଦୃଷ୍ଟିରେ ରଖି ଧାନସଂଗ୍ରହ ପ୍ରକ୍ରିୟାକୁ ଘୁଞ୍ଚାଇ ଦିଆଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଶିକ୍ଷା ପରିଷଦ ବୈଠକ

ଭୁବନେଶ୍ୱର ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଆଜିଠାରୁ ଦ୍ୱାଦଶ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହେବ । ବିଶ୍ୱ

ବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ  ବିଶ୍ୱବିଦ୍ୟାଳୟ ପାଇଁ ପରବର୍ତ୍ତୀ ରଣକୌଶଳ ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି ।

# ଫୁଟବଲ

ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଢେଙ୍କାନାଳ ଷ୍ଟାଡିୟମରେ ଅନୁଷ୍ଠିତ ଷଷ୍ଠ ଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାରେ ସେଣ୍ଟ୍ରାଲ ରେଲୱେ ବମ୍ବେ ଫାଇନାଲରେ ପ୍ରବେଶ କରିଛି । ସୂଚନା ଅନୁସାରେ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ ।

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ନୟାଗଡ, କୋରାପୁଟ, ମାଲକାନଗିରି ଓ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।